# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

**India's National Spiritual Newspaper**

₹ 10/-


ECHO OF HIS CALL 1969-2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXV | MARCH 2023 | No.01

## ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୬୬:୧୨-୨୦)

୧୨ ତୁମ୍ଭେ ଆମ୍ଭମାନଙ୍କ ମସ୍ତକ ଉପରେ ଲୋକମାନଙ୍କୁ ଚଢ଼ିବାକୁ ଦେଇଅଛ; ଆମ୍ଭେମାନେ ଅଗ୍ନି ଓ ଜଳ ମଧ୍ୟଦେଇ ଗମନ କଲୁ; ମାତ୍ର ତୁମ୍ଭେ ଆମ୍ଭମାନଙ୍କୁ ଧନାଢ଼୍ୟ ସ୍ଥାନକୁ ଆଣିଅଛ ।

୧୩ ମୁଁ ହୋମବଳି ନେଇ ତୁମ୍ଭ ଗୃହକୁ ଆସିବି, ମୁଁ ସଙ୍କଟରେ ଥିଲା ବେଳେ

୧୪ ମୋ' ଓଷ୍ଠାଧର ଯାହା ଉଚ୍ଚାରଣ କରିଅଛି ଓ ମୋ' ମୁଖ ଯାହା କହିଅଛି, ମୋହର ସେହିସବୁ ମାନତ ତୁମ୍ଭ ଉଦ୍ଦେଶ୍ୟରେ ପୂର୍ଣ୍ଣ କରିବି ।

୧୫ ମୁଁ ତୁମ୍ଭ ଉଦ୍ଦେଶ୍ୟରେ ମେଷରୂପ ଧୂପ ସହିତ ହୃଷ୍ଟପୁଷ୍ଟ ହୋମବଳି ଉତ୍ସର୍ଗ କରିବି; ମୁଁ ଛାଗ ସଙ୍ଗେ ବୃଷ ବଳିଦାନ କରିବି ।

୧୬ ହେ ପରମେଶ୍ୱରଙ୍କ ଭୟକାରୀ ସମସ୍ତେ, ଆସ ଶୁଣ, ଆଉ ସେ ଆମ୍ଭ ପ୍ରାଣ ପାଇଁ ଯାହା କରିଅଛନ୍ତି, ତାହା ମୁଁ ବର୍ଣ୍ଣନା କରିବି ।

୧୭ ମୁଁ ଆପଣା ମୁଖରେ ତାହାଙ୍କୁ ଡାକିଲି ଓ ମୋ' ଜିହ୍ୱା ଦ୍ୱାରା ସେ ପ୍ରତିଷ୍ଠିତ ହେଲେ ।

୧୮ ଯେବେ ମୁଁ ମନ ମଧ୍ୟରେ ଅଧର୍ମକୁ ଆଦର କରେ, ତେବେ ପ୍ରଭୁ ମୋ' କଥା ଶୁଣିବେ ନାହିଁ;

୧୯ ମାତ୍ର ନିଶ୍ଚୟ ପରମେଶ୍ୱର ମୋ' କଥା ଶୁଣିଅଛନ୍ତି, ସେ ମୋ' ପ୍ରାର୍ଥନାର ରବରେ ମନୋଯୋଗ କରିଅଛନ୍ତି ।

୨୦ ପରମେଶ୍ୱର ଧନ୍ୟ ହେଉନ୍ତୁ, ସେ ମୋହର ପ୍ରାର୍ଥନା କିଅବା ମୋ'ଠାରୁ ଆପଣା ଦୟା ଦୂର କରି ନାହାନ୍ତି ।

# ଆପଣଙ୍କର ଦୁଃଖ ଆନନ୍ଦରେ ପରିଣତ ହେବ !

(ଯୋହନ ୧୬:୨୦)

ମୁଖ୍ୟ ଉପାସନାଳୟରେ ପାଳକ ଏସ୍.ସାମ୍. ସେଲ୍‌ଭାରାଜ୍‌ଙ୍କ ଦ୍ୱାରା ପ୍ରଦତ୍ତ ବାର୍ତ୍ତା

**YOUR SORROW WILL BE TURNED INTO JOY!**

*ତୁମର ଦୁଃଖ ଆନନ୍ଦରେ ପରିଣତ ହେବ !*
*ତୁମର ଦୁଃଖ ଓ ଅଶ୍ରୁ ଲୋପ ପାଇବ !*
*ହେ ପୁତ୍ର, ନିରାଶ ହୁଅ ନାହିଁ କିମ୍ବା ହେ କନ୍ୟା, ନିରାଶ ହୁଅ ନାହିଁ ।*
*ଆମର ଯୀଶୁ ତୁମକୁ ପରିତ୍ୟାଗ କରିବେ ନାହିଁ ।*

*୧. ଅତୀତକୁ ଭାବି ନିରୁତ୍ସାହିତ ହୁଅ ନାହିଁ,*
*ଅତୀତର ଘଟଣାଗୁଡ଼ିକୁ ଭୁଲିଯାଅ,*
*ଈଶ୍ୱର ଏକ ନୂତନ ବିଷୟ କରିବେ,*
*ତୁମେ ଆଜି ଆଜି ହିଁ ଏହା ଦେଖିବ !*
*ନିରୁତ୍ସାହିତ ହୁଅ ନାହିଁ, ହଁ, ନିରୁତ୍ସାହିତ ହୁଅ ନାହିଁ,*
*ଆମର ସଦାପ୍ରଭୁ ପରମେଶ୍ୱର ତୁମକୁ ପରିତ୍ୟାଗ କରିବେ ନାହିଁ ।*

*୨. ଈଶ୍ୱର ଭଗ୍ନ ହୃଦୟକୁ ସୁସ୍ଥ କରନ୍ତି,*
*ସେ କ୍ଷତାକ୍ତମାନଙ୍କୁ ସାହାଯ୍ୟ କରନ୍ତି,*
*ସମସ୍ତ କ୍ଷତକୁ ବାନ୍ଧନ୍ତି, ଆମର ଅଶ୍ରୁ ପୋଛନ୍ତି,*
*ହଁ, ସେ ଆମର ଅଶ୍ରୁକୁ ପୋଛନ୍ତି ।*
*ନିରୁତ୍ସାହିତ ହୁଅ ନାହିଁ, ନିରାଶ ହୁଅ ନାହିଁ ।*
*ଈଶ୍ୱର ତୁମକୁ ପରିତ୍ୟାଗ କରିବେ ନାହିଁ ।*

*୩. ସେ ତୁମର ଶକ୍ତିର ଉର୍ଦ୍ଧ୍ୱରେ ତୁମକୁ ପରୀକ୍ଷିତ ହେବାକୁ ଦେବେ ନାହିଁ,*
*ସେ ତୁମକୁ ଆବଶ୍ୟକୀୟ ଶକ୍ତି ପ୍ରଦାନ କରିବେ, ସେ ଆପଣଙ୍କୁ ଏକ ମାର୍ଗ ଦେଖାଇବେ ।*
*ହଁ, ଏକ ମାର୍ଗ ! ନିରୁତ୍ସାହିତ ହୁଅ ନାହିଁ, ନିରାଶ ହୁଅ ନାହିଁ ।*
*ସେ ତୁମ୍ଭକୁ ପରିତ୍ୟାଗ କରିବେ ନାହିଁ ।*

– ଫାଦର ଏସ୍.ଜେ.ବର୍ଟମ୍ୟାନ୍

ଈଶ୍ୱର ଆପଣଙ୍କୁ ଏହି ସ୍ୱର୍ଗୀୟ ବାର୍ତ୍ତା ଦେଇଛନ୍ତି ।



**ଆହ୍ୱାନର ପ୍ରତିଧ୍ୱନିର**

*ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !*

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!


ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ସକାଳ ୫ ଟାରେ

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

ECHO OF HIS CALL - (1969-2019 GOLDEN JUBILEE YEAR)

REACHING NATIONS



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



**ଆମର ମିଶନ ପଲିସୀ**

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

CHIEF EDITOR
Angeline Selvakumari Henry, M.A., M.Ed.
MANAGING EDITOR
Pastor Alex Samson Sam, B.Th., M.Div.
ADMINISTRATION
Bro. N. Prakasam, M.A., General Manager
EDITORIAL BOARD
Sis. Jesy Veena Sam
Sis. Serena Bevin, M.A., M.Phil., B.Ed.
Dr. A. Richard Samuel, M.A., Ph.D.
Rev. Dr. K.R. Rajasekaran
EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858
CORE LEADERS
Bro. K. Puratchivendan
Bro. A. Edward Durai
Bro. A. Alvin
Bro. K. Abraham
Sis. Dhanalakshmi Chinnaiah
E.mail ID
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call

**"ସଦାପ୍ରଭୁ ମୋହର ପ୍ରତିପାଳକ,
ମୋହର ଅଭାବ ହେବ ନାହିଁ" (ଗୀତସଂହିତା ୨୩:୧) ।**

## ପ୍ରଭୁରେ ପ୍ରିୟ ବନ୍ଧୁଗଣ,

*ଆମେ ଆପଣମାନଙ୍କୁ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପ୍ରେମଭରା ଅଭିବାଦନ ଜଣାଉଅଛୁ ।*

*ଆମେ ଆମ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ମାଧମରେ ଈଶ୍ୱରଙ୍କ ଆଶୀର୍ବାଦ ପାଇଥିବା ଲୋକମାନଙ୍କ ପାଇଁ ଆମର ସଦାପ୍ରଭୁ ପରମେଶ୍ୱରଙ୍କର ଗୌରବ କରୁଅଛୁ । ଆମର ନୂତନଭାବେ ଆରମ୍ଭ ହୋଇଥିବା ୟୁ-ଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରକାଶିତ ପ୍ରତ୍ୟୁଷକାଳୀନ ୫ ମିନିଟର ପ୍ରଭୁଙ୍କ ବାର୍ତ୍ତା ଦ୍ୱାରା ଆଶୀର୍ବାଦ ପାଉଛନ୍ତି ଜାଣି, ଆମେ ପ୍ରଭୁ ମାନଙ୍କର ପ୍ରଭୁଙ୍କର ପ୍ରଶଂସା କରୁଅଛୁ । ଆପଣମାନେ ଯେପରି ଉପକୃତ ହେବେ, ଏଥିପାଇଁ ଆମେ ଯଥାସାଧ କାର୍ଯ୍ୟ କରୁଅଛୁ ।*

*ଦିନଗୁଡ଼ିକ ଅତିକ୍ରାନ୍ତ ହେଉଥିବା ସମୟରେ, ପ୍ରଭୁଙ୍କ ସେବାକାର୍ଯ୍ୟ ବୃଦ୍ଧି ପାଇବାରେ ଲାଗିଛି । ଲୋକମାନେ ବହୁଳଭାବରେ ଆଶୀର୍ବାଦ ପାଉଛନ୍ତି । ମାତ୍ର ଆଦ୍ୟ ମଣ୍ଡଳୀର ପ୍ରେରିତମାନେ ଯେପରି କଷ୍ଟ ଓ ସଂଘର୍ଷର ସମ୍ମୁଖୀନ ହେଉଥିଲେ, ଆମ ପ୍ରତି ମଧ ସେହିପରି ଘଟୁଅଛି । ଆମେ ବିଭିନ୍ନ ସେବାକାର୍ଯ୍ୟ ଓ ସୁସମାଚାର ମାଧମରେ ଶୟତାନର ଦୃଢ଼ ଗଡ଼ିକୁ ଧ୍ୱଂସ କରୁଥିବା ସମୟରେ, ଶୟତାନ ବିରକ୍ତ ହେବା କିଛି ଆଶ୍ଚର୍ଯ୍ୟର ବିଷୟ ନୁହେଁ ।*

*ମାତ୍ର ନିରୁତ୍ସାହିତ ହୁଅନ୍ତୁ ନାହିଁ । ଆମେ କୌଣସି ବୁଝାମଣା ନ କରି ଆଦ୍ୟ ପ୍ରେରିତ ଓ ଆମ ପୂର୍ବ ପୁରୁଷମାନଙ୍କ ଦ୍ୱାରା ପ୍ରଚାରିତ ଶିକ୍ଷାକୁ ପ୍ରଚାର କରୁଅଛୁ ଓ ଶିକ୍ଷା ଦେଉଅଛୁ । ଆମ ନିମନ୍ତେ ପ୍ରାର୍ଥନା କରିବା ପାଇଁ ଆମେ ଆପଣମାନଙ୍କୁ ଅନୁରୋଧ କରୁଅଛୁ । ଯେ କୌଣସି ସାମ୍ଭାବ୍ୟ ମାର୍ଗରେ ଆମକୁ ସହାୟତା ପ୍ରଦାନ କରିବା ପାଇଁ ଆଗକୁ ଆସନ୍ତୁ ବୋଲି ଆମେ ଅନୁରୋଧ କରୁଅଛୁ । ଆମେ ଆପଣମାନଙ୍କର ସାହାଯ୍ୟ ଓ ସହଭାଗିତା ଆବଶ୍ୟକ କରୁଅଛୁ ।*

*ଆମକୁ ଏହି ମାସ ଓ ଆଗାମୀ ମାସରେ ଅନେକ ସ୍ଥାନକୁ ଯିବାର ଅଛି । ଦୟାକରି ଆମକୁ ଆପଣମାନଙ୍କ ପ୍ରାର୍ଥନାରେ ସ୍ମରଣ କରନ୍ତୁ । ଆତ୍ମାଗୁଡ଼ିକ ପାଇଁ ବାସ୍ତବ ବୋଝ ସହିତ ସଂପାଦିତ ହେଉଥିବା ସେବାକାର୍ଯ୍ୟ ପ୍ରକୃତରେ କଷ୍ଟକର ଅଟେ । ଆମର ଅନେକ ଈଶ୍ୱରଙ୍କ ଦାସଙ୍କ ପରିବାର ସଦସ୍ୟମାନେ ବିଭିନ୍ନ ମାର୍ଗରେ ଅସୁସ୍ଥ ଅଛନ୍ତି । ଆମେ ଆପଣମାନଙ୍କର ପ୍ରାର୍ଥନା ଓ ପ୍ରେମ ଦ୍ୱାରା ସାନ୍ତ୍ୱନା ପାଉଅଛୁ ।*

*ଆମେ ଆପଣମାନଙ୍କର ପତ୍ର ଓ ପରାମର୍ଶ ଆଶା କରୁଅଛୁ । ଆମେ ଆପଣମାନଙ୍କ ପାଇଁ ମଧ ପ୍ରାର୍ଥନା କରୁଅଛୁ । ଅଧିକନ୍ତୁ, ଆମେ ଆପଣମାନଙ୍କ ସମସ୍ତ ପ୍ରାର୍ଥନା ଅନୁରୋଧକୁ ଈଶ୍ୱରଙ୍କ ନିକଟକୁ ନେଇ ଆପଣମାନଙ୍କ ନିମନ୍ତେ ପ୍ରାର୍ଟନା କରୁଅଛୁ । ଆମେ ଈଶ୍ୱରଙ୍କ ପ୍ରେମ ସହିତ ଆପଣମାନଙ୍କୁ ପ୍ରେମ କରୁ । ପ୍ରଭୁ ଆମର ସେହି ସମସ୍ତ ପ୍ରିୟ ଭାଇ ଭଉଣୀଙ୍କୁ ପୁରସ୍କାର ଦିଅନ୍ତୁ, ଯେଉଁମାନେ ନିୟମିତ ଭାବେ ଆମକୁ ଅର୍ଥ ସହାୟତା ପ୍ରଦାନ କରୁଛନ୍ତି । ଆମେନ୍ ।*

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

**ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍**

(+91) 98412 71858 / 98410 71858, E.mail : samselvaraj333@gmail.com

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ଗତ କିଛି ଦିନ ମଧରେ ମୁଁ ବିଭିନ୍ନ ରଙ୍ଗ ଓ ଜାତିର ଲୋକମାନଙ୍କୁ ସାକ୍ଷାତ୍ କରିବାର ସୁଯୋଗ ପାଇଥିଲି । ସେମାନଙ୍କ ମଧରୁ, ମୁଁ ବିଦ୍ୱାନମାନଙ୍କୁ, ମୁଖ୍ୟ ଡାକ୍ତରମାନଙ୍କୁ, ରାଜନୀତି ଓ କ୍ଷମତାରେ ଥିବା ଲୋକମାନଙ୍କୁ, ଅଭିନେତା, ଲେଖକ ଓ ନିଜ ନିଜକୁ ବିଶ୍ୱାସୀ ଓ ଈଶ୍ୱରଙ୍କ ଦାସ ବୋଲି କହୁଥିବା ଲୋକମାନଙ୍କୁ ଭେଟିଥିଲି । ସେମାନେ କୌଣସି ନା କୌଣସି କଷ୍ଟ କିମ୍ବା ସମସ୍ୟା ସହିତ ସଂଘର୍ଷ କରୁଥିବାର ମୁଁ ଦେଖିଥିଲି । ସେଥିପାଇଁ ଲୋକମାନେ ଈଶ୍ୱରଙ୍କ ଅନ୍ୱେଷଣରେ ବିଭିନ୍ନ ତୀର୍ଥ ସ୍ଥାନ ଭ୍ରମଣ କରନ୍ତି ।

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) Media Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

ବେଳେ ବେଳେ କେତେକ ଭକ୍ତ ଏପରି କାର୍ଯ୍ୟ କରନ୍ତି, ଯାହା ସେମାନେ ଜାଣନ୍ତି ନାହିଁ । କେତେଜଣ ବିଭିନ୍ନ ତୀର୍ଥ ସ୍ଥାନକୁ ଯାତ୍ରା କରିବାର ପ୍ରସ୍ତୁତିରେ ଅନେକ ଦିନ ଧରି ଯନ୍ତ୍ରଣା ସହ୍ୟ କରନ୍ତି । ମାତ୍ର ପ୍ରସ୍ଥାନ କରିବା ପୂର୍ବରୁ, କେତେଜଣ ବ୍ୟକ୍ତି ସେମାନଙ୍କ ନିମନ୍ତେ ପ୍ରାର୍ଥନା ଉତ୍ସର୍ଗ କରିବା ପାଇଁ ଆମ ନିକଟକୁ ଆସନ୍ତି । ମୁଁ ଏହାକୁ ତୁଚ୍ଛୀକୃତ କିମ୍ବା ବିଦ୍ରୁପ କରୁ ନାହିଁ । ମାତ୍ର ଆମେ କ'ଣ ସେମାନଙ୍କଠାରେ ଏକ ବ୍ୟାକୁଳତା ଓ ଶୂନ୍ୟତାକୁ ଦେଖି ପାରୁ ନାହୁଁ ? ଉତ୍ତମ ଲୋକମାନଙ୍କ ନିମନ୍ତେ, ପ୍ରକୃତ ଉଦ୍ଧାର ପାଇବା ପାଇଁ ଏକ ପ୍ରାଚୀର ଭାବେ ଠିଆ ହେବା ସେମାନଙ୍କର ପ୍ରଥା ଓ ସଂସ୍କୃତି ଅଟେ ।

**ଏହି କଷ୍ଟ ଓ ସମସ୍ୟାରେ ଭରା ଜଗତରେ, ଅଳ୍ପ କେତେକ ଲୋକ ଈଶ୍ୱରଙ୍କ ରାଜ୍ୟ ଓ ଏହାର ସଂପ୍ରସାରଣ ବିଷୟରେ ଚିନ୍ତା କରନ୍ତି । ନିଜ ନିଜକୁ ଜଗତର ଲୋକମାନଙ୍କ ଅଭ୍ୟାସ ଓ ପ୍ରଥାଠାରୁ ପୃଥକ୍ ରଖନ୍ତି ଓ ଯଥାର୍ଥ ଭାବେ ନିଜ ନିଜକୁ ପବିତ୍ର ରଖି ଶାନ୍ତି ଓ ସୁଖରେ ବାସ କରନ୍ତି । ଏହାର କାରଣ କ'ଣ ଅଟେ ? ଏହା ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ପୁନରୁତ୍ଥାନ ଶକ୍ତି ଅଟେ ଯାହା ଅତି ସାଧାରଣ ଲୋକମାନଙ୍କ ଜୀବନରେ ମଧ୍ୟ କାର୍ଯ୍ୟ କରେ । ଆମ ମଧ୍ୟରୁ ପ୍ରତ୍ୟେକ ଜଣଙ୍କ ନିକଟରେ ଏହି ଅନୁଭୂତି ରହିବା ଆବଶ୍ୟକ ।**

ଯେତେବେଳେ ଯୀଶୁ ଖ୍ରୀଷ୍ଟଙ୍କର ପୁନରୁତ୍ଥାନ ଶକ୍ତି ଜଣେ ବ୍ୟକ୍ତିର ଜୀବନ ମଧ୍ୟକୁ ଆସେ, ସେତେବେଳେ ସେ ଅତି ଅଦରକାରୀ ବ୍ୟକ୍ତି ହେଲେ ମଧ୍ୟ ଗୋଟିଏ ଅତି ଉପଯୋଗୀ ବ୍ୟକ୍ତିରେ ପରିଣତ ହେବ । ଆହୁରି ମଧ୍ୟ, ଯେତେବେଳେ ଏହି ଶକ୍ତି ଜଣେ ଦୀର୍ଘକାଳୀନ ଅସୁସ୍ଥ ବ୍ୟକ୍ତିର ଜୀବନରେ ହସ୍ତକ୍ଷେପ କରିବ, ସେତେବେଳେ ତା'ର ରୋଗ ଦୂର ହୋଇଯିବ । ଯୀଶୁ କହିଥିଲେ, **''ଯେ ମୋ'ଠାରେ ବିଶ୍ୱାସ କରେ, ସେ ଯଦ୍ୟପି ମରେ, ତଥାପି ବଞ୍ଚିବ''** (ଯୋହନ ୧୧:୨୫) । ଯଦିଓ ଜଣେ ବ୍ୟକ୍ତିର ଗୋଟିଏ ଅଙ୍ଗ କାର୍ଯ୍ୟ କରେ ନାହିଁ, ତଥାପି ଯେତେବେଳେ ସେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ନିଜର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରେ ଓ ସେ ଈଶ୍ୱରଙ୍କ ପୁତ୍ର ବୋଲି ବିଶ୍ୱାସ କରି ଅନୁତାପ କରେ ସେତେବେଳେ ସେ ପ୍ରଭୁଙ୍କଠାରୁ ଅଲୌକିକ ସୁସ୍ଥତା ପାଇବ ଓ ଏକ ସାଧାରଣ ବ୍ୟକ୍ତି ଭାବରେ ବଞ୍ଚି ପାରିବ ।


## ଲାଜାର ଓ ଯୀଶୁ ଖ୍ରୀଷ୍ଟ

ଲାଜାର ନାମକ ଯୀଶୁ ଖ୍ରୀଷ୍ଟଙ୍କର ଜଣେ ବନ୍ଧୁ ମୃତ୍ୟୁବରଣ କରିଥିଲେ । ମାତ୍ର ପ୍ରଭୁ ଯୀଶୁ ଖ୍ରୀଷ୍ଟ ଲାଜାରଙ୍କୁ ମୃତ୍ୟୁରୁ ଉଠାଇଥିଲେ । କିନ୍ତୁ, ବୃଦ୍ଧ ବୟସ ଯୋଗୁ, ସେ ନିଶ୍ଚୟ ପରେ ମୃତ୍ୟୁବରଣ କରିଥିବେ । ଅନ୍ୟ ପକ୍ଷରେ ପ୍ରଭୁ ଯୀଶୁ କ୍ରୁଶରେ ମୃତ୍ୟୁବରଣ କରିଥିଲେ, ତୃତୀୟ ଦିବସରେ ମୃତମାନଙ୍କ ମଧ୍ୟରୁ ଉଠିଥିଲେ, କିନ୍ତୁ ପୁନର୍ବାର ମୃତ୍ୟୁବରଣ କରି ନ ଥିଲେ । ଯେଉଁ ଲୋକମାନେ ଈଶ୍ୱରଙ୍କ ଅବତାର ବୋଲି ଦାବୀ କରନ୍ତି, ସେମାନେ ମୃତ୍ୟୁବରଣ କରନ୍ତି । ସେମାନଙ୍କ ମୃତ ଶରୀରଗୁଡ଼ିକୁ ଧାରଣ କରିଥିବା ସମାଧି ସର୍ବଦା ବନ୍ଦ ହୋଇ ରହିଥାଏ । କିନ୍ତୁ, କେବଳ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସମାଧି ଏ ପର୍ଯ୍ୟନ୍ତ ଉନ୍ମୁକ୍ତ ହୋଇ ରହିଛି । ଏହା ଐତିହାସିକ ଭାବରେ ପ୍ରମାଣିତ ଅଟେ ।

ରୋମୀୟ କର୍ତ୍ତୃପକ୍ଷ ଓ ମନ୍ଦିରର ମୁଖ୍ୟମାନେ ଯୀଶୁଙ୍କ ସମାଧିକୁ ସଂପୂର୍ଣ୍ଣ ସୁରକ୍ଷା ଦେଇଥିଲେ । ବାଇବଲ କହେ, **''ତେଣୁ ସେମାନେ ଯାଇ ପ୍ରହରୀ ଦଳ ସହିତ ସେହି ପ୍ରସ୍ତରରେ ମୁଦ୍ରାଙ୍କ ଦେଇ ସମାଧି ସୁରକ୍ଷିତ କଲେ''** (ମାଥିଉ ୨୭:୬୬) । ମାତ୍ର ପ୍ରଭୁ ଯୀଶୁ ଖ୍ରୀଷ୍ଟ ତୃତୀୟ ଦିବସରେ ଉଠିଥିଲେ (ମାଥିଉ ୨୮:୧-୮) ।

ମଗ୍‌ଦଲିନୀ ମରିୟମ ଓ ଅନ୍ୟ ମରିୟମ ବିଶ୍ରାମବାର ପରେ ସପ୍ତାହର ପ୍ରଥମ ଦିନ ସମାଧି ଦେଖିବାକୁ ଆସିଥିଲେ । ଯଦିଓ ପ୍ରଭୁ ଯୀଶୁ ଖ୍ରୀଷ୍ଟ ନିଜ ଶିଷ୍ୟମାନଙ୍କୁ ଏହା କହିଥିଲେ ଯେ ସେ ତୃତୀୟ ଦିବସରେ ମୃତମାନଙ୍କ ମଧ୍ୟରୁ ଉଠିବେ, ତଥାପି ତାଙ୍କ ସହିତ ସାଢ଼େ ତିନି ବର୍ଷ ରହି ତାଙ୍କ ସହିତ ସେବାକାର୍ଯ୍ୟ କରୁଥିବା ସେହି ଶିଷ୍ୟମାନେ ତାଙ୍କୁ ଅପେକ୍ଷା ନ କରି ନିଜ ନିଜ ଗୃହରେ ଥିଲେ । ସେମାନେ ପ୍ରଭୁଙ୍କ ପ୍ରତି ସେମାନଙ୍କ ପ୍ରକୃତ ପ୍ରେମ ପ୍ରଦର୍ଶନ କରିପାରି ନ ଥିଲେ । ପରେ ଏହା ସେମାନଙ୍କୁ ଦୁଃଖ ଓ ଅନୁଶୋଚନା ଦେଇଥିଲା । ମାତ୍ର ଯୀଶୁ ସେମାନଙ୍କର ଦୁର୍ବଳତାକୁ ମନରେ ଧରି ନ ଥିଲେ ଓ ସେମାନଙ୍କୁ ଦର୍ଶନ ଦେଇଥିଲେ । ସେ ସେମାନଙ୍କୁ ସାନ୍ତ୍ୱନା ଦେଇ ସେମାନଙ୍କୁ ଶକ୍ତିଶାଳୀ ପ୍ରେରିତରେ ଓ ସେମାନଙ୍କର ଦୁଃଖକୁ ଆନନ୍ଦରେ ପରିଣତ କରିଥିଲେ ।

ପ୍ରିୟ ବନ୍ଧୁ, ଯଦିଓ ଆପଣ ବିଭିନ୍ନ ସମୟରେ ଓ ବିଭିନ୍ନ ମାର୍ଗରେ ପ୍ରଭୁଙ୍କର ପ୍ରେମକୁ ଚାଖିଥିଲେ, ତଥାପି ଆପଣଙ୍କ ଛୋଟ ଛୋଟ ସନ୍ଦେହ, ଇଚ୍ଛା ଓ ଶାରୀରିକ ଅଭିଳାଷ ଆପଣଙ୍କୁ ତାଙ୍କ ପ୍ରେମଠାରୁ ଦୂରକୁ ନେଇ ଯାଇ ନ ଥିଲା କି ? ନିରୁତ୍ସାହିତ ହୁଅନ୍ତୁ ନାହିଁ, ଆପଣଙ୍କ ଦୁର୍ବଳତାକୁ ସ୍ୱୀକାର କରନ୍ତୁ ଓ ପୁନର୍ବାର ଯୀଶୁଙ୍କ ନିକଟକୁ ଆସନ୍ତୁ । **ଆପଣଙ୍କ ଦୁଃଖ ଆନନ୍ଦରେ ପରିଣତ ହେବ ।**




**Statement about ownership and other particulars about the Newspaper Echo of His Call (Odia) - Form IV (See Rule 8)**

| | | |
|---|---|---|
| 1. Place of Publication | : | **New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai - 600 005.** |
| 2. Periodicity | : | **Monthly** |
| 3. Printer, Editor, Owner & Publisher | : | **S. Sam Selva Raj** (Same Address) |
| 4. Nationality | : | **Indian** |

I, **S. Sam Selva Raj** hereby declare that the particulars given above are true to the best of my knowledge and belief.

**March 2023** **S. Sam Selva Raj.**

## ଈଶ୍ୱରଙ୍କ ସନ୍ତାନମାନଙ୍କ ପ୍ରତି ଏକ ସତର୍କବାଣୀ

ଜଣେ କିପରି ପ୍ରଭୁଙ୍କ ସହିତ ନିଜର ସହଭାଗିତା ରକ୍ଷା କରିବା ଦ୍ୱାରା ପ୍ରଭୁଙ୍କର ଆନନ୍ଦ ପାଇପାରିବ, ଏହି ବିଷୟରେ ମୋର ସ୍ୱର୍ଗତଃ ପାଳକ ଜି.ସୁନ୍ଦରମ୍ ଦେଇଥିବା ଦୁଇଟି ଆଦେଶକୁ ମୁଁ ଆପଣଙ୍କୁ କହୁଛି ।

ଈଶ୍ୱରଙ୍କ ଯେ କୌଣସି ଦାସ କିମ୍ବା ପ୍ରଚାରକ ପୃଥିବୀର ଯେ କୌଣସି ଅଞ୍ଚଳକୁ ଯାଇ ପ୍ରଭୁଙ୍କର ସେବା କରିପାରନ୍ତି । ମାତ୍ର ସେମାନଙ୍କୁ ସେମାନଙ୍କ କଟୀରେ ଗୋଟିଏ ଦଉଡ଼ିର ଗୋଟିଏ ପ୍ରାନ୍ତ ବାନ୍ଧିବାକୁ ହେବ ଓ ଅନ୍ୟ ପ୍ରାନ୍ତଟିକୁ ସେମାନଙ୍କ ମଣ୍ଡଳୀ ସହିତ ବାନ୍ଧିବାକୁ ହେବ । ଯଦି ରବିବାର ଆପଣଙ୍କର କୌଣସି ସେବାକାର୍ଯ୍ୟ ନ ଥିବ, ତେବେ ଆପଣଙ୍କୁ ସେହିଦିନ ଗୀର୍ଜାରେ ଯୋଗ ଦେଇ ଅନ୍ୟମାନଙ୍କ ସହିତ ପ୍ରଭୁଙ୍କର ଉପାସନା କରିବାକୁ ହେବ ଓ ଧୈର୍ଯ୍ୟର ସହିତ ଈଶ୍ୱରଙ୍କ ବାକ୍ୟ ଗ୍ରହଣ କରି ତାହା ପାଳନ କରିବାକୁ ହେବ ।

ଦ୍ୱିତୀୟରେ, ଆମେ ପ୍ରତ୍ୟେକେ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ପାପପୂର୍ଣ୍ଣ ଚିନ୍ତା, ପାପପୂର୍ଣ୍ଣ ଅଭ୍ୟାସ, ମନ୍ଦ ସଂପର୍କ ମଧ୍ୟରୁ ଉଦ୍ଧାର ପାଇଛୁ । ମାତ୍ର ଯେଉଁସବୁ ପାପରୁ ଆମେ ଉଦ୍ଧାର ପାଇଛୁ, ସେଗୁଡ଼ିକ ପ୍ରତି ଆମେ ଯେପରି ପୁନର୍ବାର ଫେରି ନ ଯିବୁ, ଏଥିପାଇଁ ଆମେ ସତର୍କ ହେବା ଉଚିତ୍ । ସେଗୁଡ଼ିକ ପୁଣିଥରେ ଆମକୁ ଆକ୍ରମଣ କରିବାର ସମ୍ଭାବନା ରହିଛି । ସାବଧାନ ରହନ୍ତୁ ।

ଉଦାହରଣ ସ୍ୱରୂପ, ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଅନୁଗ୍ରହ ଦ୍ୱାରା ନିଶାସକ୍ତିରୁ ଉଦ୍ଧାର ପାଇଛନ୍ତି, ତେବେ ଆପଣଙ୍କୁ ସେହି ଉଦ୍ଧାରକୁ ଉଦ୍‌ଯୋଗର ସହିତ ଜଗି ରହିବାକୁ ହେବ । ଆପଣ କୌଣସି କାରଣରୁ ସେହି ସ୍ଥାନକୁ ଯିବା ଅନୁଚିତ । ଆହୁରି ମଧ୍ୟ, ଆପଣଙ୍କୁ ଆପଣଙ୍କ ପୁରାତନ ବନ୍ଧୁମାନଙ୍କଠାରୁ ସଂପୂର୍ଣ୍ଣ ରୂପରେ ଦୂରେଇ ଯିବାକୁ ହେବ ଓ ସେହି ପ୍ରକାର ସଂପର୍କ ଆଦୌ ରଖିବେ ନାହିଁ । ଯଦି ଆପଣ ନିଜ ସଂକଳ୍ପରେ ଦୃଢ଼ ରହିବେ, ତେବେ ଆପଣ ବିଜୟୀ ହେବେ ଓ ସଂପୂର୍ଣ୍ଣ ଆନନ୍ଦ ପାଇବେ ।

## ମଗ୍‌ଦଲିନୀ ମରିୟମ ଓ ଅନ୍ୟ ମରିୟମ

ସାତ ଭୂତ ଦ୍ୱାରା ଆକ୍ରାନ୍ତ ହୋଇଥିବା ମଗ୍‌ଦଲିନୀ ମରିୟମ ଯୀଶୁଙ୍କ ଦ୍ୱାରା ଉଦ୍ଧାର ପାଇଥିଲେ । ସେ ଅନ୍ୟ ଜଣେ ମରିୟମଙ୍କ ସହିତ ମିଶି ଯୀଶୁଙ୍କ ଶରୀରକୁ ରକ୍ଷାଯାଇଥିବା ସମାଧି ନିକଟକୁ ଯାଇଥିଲେ ।



ସେଠାରେ ଏକ ବଡ଼ ଭୂମିକମ୍ପ ହୋଇଥିଲା, କାରଣ ପ୍ରଭୁଙ୍କର ଜଣେ ଦୂତ ସ୍ୱର୍ଗରୁ ଅବତରଣ କରି ସମାଧିର



ଦ୍ୱାରରେ ରହିଥିବା ପ୍ରସ୍ତରକୁ ଘୁଞ୍ଚାଇ ଦେଇଥିଲେ ଓ ଏହା ଉପରେ ବସିଥିଲେ (ମାଥିଉ ୨୮:୨) ।

ପ୍ରିୟ ଭାଇ ଓ ଭଉଣୀ, ଆପଣଙ୍କ ଜୀବନରେ ଗୋଟିଏ ପ୍ରସ୍ତର – ଗୋଟିଏ ପ୍ରତିବନ୍ଧକ ଥାଇପାରେ ଯାହାକୁ ଗଡ଼ାଇ ଦିଆଯାଇ ପାରି ନାହିଁ । ବେଳେବେଳେ, ଏହାକୁ ଆପଣ କିମ୍ବା କୌଣସି ଶକ୍ତିଶାଳୀ କିମ୍ବା ଧନୀ ବ୍ୟକ୍ତି ଘୁଞ୍ଚାଇ ପାରନ୍ତି ନାହିଁ । ମାତ୍ର ଭୟ କରନ୍ତୁ ନାହିଁ, ଯେଉଁଠାରେ କୌଣସି ମାର୍ଗ ନ ଥିବ, ସେହିଠାରେ ଈଶ୍ୱର ଏକ ମାର୍ଗ ପ୍ରସ୍ତୁତ କରିବେ । ଏହା ହୁଏତ ବେଶୀ ଦୂର ହୋଇ ନ ଥାଏ । ଈଶ୍ୱର ଆପଣଙ୍କୁ ଜଗିବା ପାଇଁ ଦୂତମାନଙ୍କୁ ଦାୟିତ୍ୱ ଦେବେ । ଦୂତମାନେ ଆପଣଙ୍କ ପାଇଁ କାର୍ଯ୍ୟ କରୁଛନ୍ତି । ସେମାନେ ସେହି ପ୍ରସ୍ତରଗୁଡ଼ିକୁ ଘୁଞ୍ଚାଇ ଦେବେ ଯେଉଁଗୁଡ଼ିକ ଆପଣଙ୍କ ଆଶୀର୍ବାଦରେ ବାଧା ଦେଉଛନ୍ତି । ଏହାପରେ ସେମାନେ ଆପଣଙ୍କୁ ପ୍ରଭୁଙ୍କ ଆଶୀର୍ବାଦଗୁଡ଼ିକୁ ଉପଭୋଗ କରିବା ପାଇଁ ସୁଯୋଗ ଦେବେ ଓ ସେମାନେ ପ୍ରସ୍ତର ଗୁଡ଼ିକ ଉପରେ ବସି ରହିବେ । ଆପଣ ଈଶ୍ୱରଙ୍କ ଆଶୀର୍ବାଦର ଶସ୍ୟଖଳା ଉପରେ ଅଛନ୍ତି । ଦୃଢ଼ ରହନ୍ତୁ । ଆପଣଙ୍କ ଦୁଃଖ ଅତିଶୀଘ୍ର ଆନନ୍ଦରେ ପରିଣତ ହେବ ।

## ଆମର ଭୁଲ୍ ନୀତି

ଈଶ୍ୱରଙ୍କ ସନ୍ତାନମାନେ, ଆନନ୍ଦିତ ହୁଅନ୍ତୁ । ଆପଣଙ୍କ ମାର୍ଗରେ ଯେ କୌଣସି ପ୍ରତିବନ୍ଧକ ଥିଲେ ସୁଦ୍ଧା, ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ ତାହା ଘୁଞ୍ଚାଇବା ପାଇଁ

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

नहेम्याह बाइबल कॉलेज
रेसिडेन्शल कॉलेज, चेन्नई।
ECHO OF HIS CALL 1969-2019 REACHING NATIONS
माध्यम: हिन्दी
Regd. Candidate for Membership ATA NEHEMIAH BIBLE COLLEGE CHENNAI ECHO OF HIS CALL ★ Estd. 1969
सदस्यता के लिए पंजीकृत उम्मीदवार - ATA
सुविख्यात अंतर्राष्ट्रीय मसीही अगुवे तथा पिछले 53 वर्षों से सेवारत वरिष्ठ पासवान
सर्टिफिकेट इन थियोलॉजी – 1 साल
डिप्लोमा ऑफ थियोलॉजी – 2 साल
योग्यता 10 वी या अधिक
जल्दी करें!
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
★ ऑनलाइन कक्षाएं उपलब्ध हैं ★

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୩ ମାର୍ଚ୍ଚ ୧୯ ରୁ ୨୦୨୩ ଏପ୍ରିଲ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

ମାର୍ଚ୍ଚ ୧୯ ⇨ ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ଥିଓଲୋଜିକାଲ କରେସପଣ୍ଡେସ ପାଠ୍ୟକ୍ରମର ସମସ୍ତ କାର୍ଯ୍ୟ ନିମନ୍ତେ ।

ମାର୍ଚ୍ଚ ୨୦ ⇨ ୧୬.୦୧.୨୦୨୩ରେ ଅନୁଷ୍ଠିତ ହୋଇଥିବା ଆମ ମଣ୍ଡଳୀ କର୍ମଚାରୀମାନଙ୍କ ସଭା ଉପରେ ଆଶୀର୍ବାଦ କରିଥିବାରୁ ।

ମାର୍ଚ୍ଚ ୨୧ ⇨ ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ ପାଇଁ ନୂତନ ସଭ୍ୟମାନଙ୍କୁ ଯୋଗାଇଥିବାରୁ

ମାର୍ଚ୍ଚ ୨୨ ⇨ ଆମ କର୍ମଚାରୀମାନଙ୍କ ପରିବାର ଉପରେ ଦେଇଥିବା ତାଙ୍କର ଆଶୀର୍ବାଦ ନିମନ୍ତେ ।

ମାର୍ଚ୍ଚ ୨୩ ⇨ ସଂପ୍ରଦାୟ ନିର୍ବିଶେଷରେ, ସମସ୍ତ ମଣ୍ଡଳୀଗୁଡ଼ିକର ଯୁବଗୋଷ୍ଠୀ ଓ ପିଲାମାନଙ୍କ ମଧ୍ୟରେ ଉଦ୍ଦୀପନା ନିମନ୍ତେ ।

ମାର୍ଚ୍ଚ ୨୪ ⇨ ବିଭିନ୍ନ ଅଞ୍ଚଳରେ ଈଶ୍ୱରଙ୍କ କାର୍ଯ୍ୟରେ ନିୟୋଜିତ ମିଶନେରୀ ଓ ସେମାନଙ୍କ ପରିବାର ନିମନ୍ତେ ।

ମାର୍ଚ୍ଚ ୨୫ ⇨ ଭାରତ ଓ ଭାରତ ବାହାରେ ଥିବା ଦେଶଗୁଡ଼ିକର ବିଭିନ୍ନ ସ୍ଥାନକୁ ଆମର ବରିଷ୍ଠ ପାଳକ ଏସ୍.ସାମ୍ ସେଲ୍‌ଭାରାଜଙ୍କର ସଫଳ ଯାତ୍ରା ନିମନ୍ତେ, ଯାହା ଅତି ଆଶୀର୍ବାଦଯୁକ୍ତ ଥିଲା ।

ମାର୍ଚ୍ଚ ୨୬ ⇨ ଆମର ପ୍ରାର୍ଥନା ସାଥୀ, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀ ଓ ସେମାନଙ୍କର ପରିବାରଗୁଡ଼ିକ ଉପରେ ଆଶୀର୍ବାଦ କରିଥିବାରୁ ।

ମାର୍ଚ୍ଚ ୨୭ ⇨ ୧୯୬୯ ରୁ ପତ୍ରିକା ସେବାକାର୍ଯ୍ୟ ପ୍ରତି ଆମର ପ୍ରତିବଦ୍ଧତା ଉପରେ ତାଙ୍କର ପ୍ରଚୁର ଆଶୀର୍ବାଦ ନିମନ୍ତେ ।

ମାର୍ଚ୍ଚ ୨୮ ⇨ ଆମର ସୁସମାଚାର ଛାପାକଳ ଓ ଦକ୍ଷ କର୍ମଚାରୀମାନଙ୍କୁ ନେଇ ଏହାର ନିରବଚ୍ଛିନ୍ନ କାର୍ଯ୍ୟ ନିମନ୍ତେ ।

ମାର୍ଚ୍ଚ ୨୯ ⇨ ଆମର "ଆହ୍ୱାନର ପ୍ରତିଧ୍ୱନି" ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାର ନିମନ୍ତେ ।

ମାର୍ଚ୍ଚ ୩୦ ⇨ ମିଶନେରୀମାନଙ୍କୁ ଅର୍ଥ ଓ ପ୍ରାର୍ଥନା ସହାୟତା ଯୋଗାଇବା ପାଇଁ ସାମର୍ଥ୍ୟ ଦେଇଥିବାରୁ ।

ମାର୍ଚ୍ଚ ୩୧ ⇨ ସମଗ୍ର ପୃଥିବୀରେ ବାଇବଲ ଓ ଖ୍ରୀଷ୍ଟିଆନ ପତ୍ରିକା ଛପାଇବାରେ ଜଡ଼ିତ ରହିଥିବା ଲୋକମାନଙ୍କ ଆବଶ୍ୟକତା ପୂରଣ କରିଥିବାରୁ ।

ଏପ୍ରିଲ ୧ ⇨ ଯେଉଁମାନେ ସେମାନଙ୍କ ବ୍ୟକ୍ତିଗତ ଆବଶ୍ୟକତା ସମୟରେ ସୁଦ୍ଧା ଆମ ସେବାକାର୍ଯ୍ୟ ଅର୍ଥ ସହାୟତା ପ୍ରଦାନ କରୁଛନ୍ତି, ସେମାନଙ୍କୁ ଆଶୀର୍ବାଦ କରିଥିବାରୁ ।

ଏପ୍ରିଲ ୨ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ ଓ ତାଙ୍କ ପରିବାରକୁ ସ୍ୱର୍ଗୀୟ ସୁରକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇ ଥିବାରୁ ।

ଏପ୍ରିଲ ୩ ⇨ ବଳିଷ୍ଠ ଖ୍ରୀଷ୍ଟୀୟ ଶିକ୍ଷା ଉପରେ ଆଧାରିତ ମିଶନେରୀମାନଙ୍କ ଦ୍ୱାରା ପ୍ରତିଷ୍ଠିତ ବିଦ୍ୟାଳୟ ଦ୍ୱାରା ପୃଥିବୀକୁ ଆଶୀର୍ବାଦ କରିଥିବାରୁ ।

## ପ୍ରାର୍ଥନାର ବିଷୟ

ଏପ୍ରିଲ ୪ ⇨ ସମଗ୍ର ବିଶ୍ୱର ମଣ୍ଡଳୀଗୁଡ଼ିକର ଉଦ୍ଦୀପନା ପାଇଁ ।

ଏପ୍ରିଲ ୫ ⇨ ଅନପେକ୍ଷିତ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ନିମନ୍ତେ ।

ଏପ୍ରିଲ ୬ ⇨ "ଆହ୍ୱାନର ପ୍ରତିଧ୍ୱନି" ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକର ବିଶ୍ୱାସୀ ଓ ସେମାନଙ୍କ ପରିବାର ଗୁଡ଼ିକର ମଙ୍ଗଳ ନିମନ୍ତେ ।

ଏପ୍ରିଲ ୭ ⇨ ଆମର ମୁଖ୍ୟ ଓ ଶାଖା ମଣ୍ଡଳୀ ଗୁଡ଼ିକରେ ଅନୁଷ୍ଠିତ ହେବାକୁ ଯାଉଥିବା ଶୁଭ ଶୁକ୍ରବାର ଓ ଇଷ୍ଟର ନିମନ୍ତେ ।

ଏପ୍ରିଲ ୮ ⇨ ଆମର ଆବାସିକ ଓ ସାଂଧ୍ୟ ନିହିମିୟା ବାଇବଲ କଲେଜର ଛାତ୍ରମାନେ ଯେପରି ଶୃଙ୍ଖଳିତ ଓ ସମର୍ପିତ ହେବେ ।

ଏପ୍ରିଲ ୯ ⇨ ନିଶା ସେବନରୁ ପିଲା ଓ ଯୁବାମାନଙ୍କୁ ସୁରକ୍ଷା ଦେବା ନିମନ୍ତେ ।

ଏପ୍ରିଲ ୧୦ ⇨ ପୃଥିବୀରେ ବୃଦ୍ଧି ପାଉଥିବା କୁଅଭ୍ୟାସ ଗୁଡ଼ିକରୁ ପିଲା ଓ ଯୁବାମାନଙ୍କୁ ସୁରକ୍ଷା ଦେବା ନିମନ୍ତେ ।

ଏପ୍ରିଲ ୧୧ ⇨ ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲର ଯେଉଁ ଛାତ୍ରମାନେ ୧୦ମ ଶ୍ରେଣୀର ସରକାରୀ ପରୀକ୍ଷା ଦେବାକୁ ଯାଉଛନ୍ତି, ସେମାନଙ୍କ ନିମନ୍ତେ ।

ଏପ୍ରିଲ ୧୨ ⇨ ପୃଥିବୀରୁ ଶିଶୁ ଚାଲାଣ ଦୂର କରିବା ନିମନ୍ତେ ।

ଏପ୍ରିଲ ୧୩ ⇨ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲରେ ନୂତନ ଛାତ୍ରମାନଙ୍କର ଯୋଗଦାନ ନିମନ୍ତେ ।

ଏପ୍ରିଲ ୧୪ ⇨ ୨୦୨୩ ଜୁନ ୦୩ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ଆମ ନିହିମିୟା ବାଇବଲ କଲେଜର ଉପାଧି ପ୍ରଦାନ ଉତ୍ସବ ନିମନ୍ତେ ।

ଏପ୍ରିଲ ୧୫ ⇨ ଏହି ମାସରେ ଯେପରି ସମସ୍ତ ଅର୍ଥନୈତିକ ଆବଶ୍ୟକତା ପୂରଣ ହେବ, ଏଥି ନିମନ୍ତେ ।

ଏପ୍ରିଲ ୧୬ ⇨ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ଆମର ଆବାସିକ ଓ ସାନ୍ଧ୍ୟ ନିହିମିୟା ବାଇବଲ କଲେଜରେ ଯୋଗ୍ୟ ଛାତ୍ରମାନଙ୍କର ଆଡ୍‌ମିଶନ ନିମନ୍ତେ ।

ଏପ୍ରିଲ ୧୭ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲଭରାଜ୍ ଯେପରି ତାଙ୍କର ବହୁମୁଖୀ ସେବାକାର୍ଯ୍ୟ ପାଇଁ ନୂତନ ଦର୍ଶନ ପ୍ରାପ୍ତ ହେବେ ।

ଏପ୍ରିଲ ୧୮ ⇨ ପୃଥିବୀସ୍ଥ ସମସ୍ତ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ସଂସଦମାନଙ୍କ ଉପରେ ଆଶୀର୍ବାଦ ନିମନ୍ତେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)



ଯଥେଷ୍ଟ ଶକ୍ତିଶାଳୀ ଅଟନ୍ତି । ମନୁଷ୍ୟ ଜାତି ଉପରେ ଆଶୀର୍ବାଦର ଚାବିକାଠି କେବଳ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ଅଛି । ଆପଣଙ୍କର ସମସ୍ତ ଦୁଃଖକୁ ତାଙ୍କ ନିକଟରେ ଛାଡ଼ନ୍ତୁ । ଯଦି ଆପଣ ତାଙ୍କଠାରୁ ଦୂରେଇ ଯିବେ, ତେବେ ଏହା ଅନେକ ଦୁଃଖ ଓ କଷ୍ଟ ଆଣିବ । ଆପଣମାନଙ୍କ ମଧ୍ୟରେ କେତେ ଜଣ ନିଜ ନିଜ ବ୍ୟକ୍ତିଗତ ଜୀବନରେ ଓ ଈଶ୍ୱରଙ୍କ ସେବାକାର୍ଯ୍ୟରେ ସ୍ଖଳିତ ହୋଇଥା'ନ୍ତି । ଏହା ଏକ ଗୁରୁତର ଭୁଲ୍ ଅଟେ । ପ୍ରଭୁ ଆପଣଙ୍କୁ ଦାରିଦ୍ର୍ୟରୁ ଓ ଗଭୀର ଗର୍ତ୍ତରୁ ଉଠାଇ ଉଚ୍ଚ ସ୍ଥାନରେ ରଖିଛନ୍ତି । ଆପଣ ଏହାକୁ କିପରି ଅସ୍ୱୀକାର କରିପାରିବେ ? ଭୁଲ୍‌କୁ ପୁନର୍ବାର ନ କରିବା ବିଷୟରେ ଉଦ୍‌ଯୋଗୀ ହୁଅନ୍ତୁ । ଅନୁତାପ କରନ୍ତୁ । ସେହିପରି କରିବା ସମୟରେ, ଆପଣଙ୍କ ଦୁଃଖ ନିଶ୍ଚୟ ଆନନ୍ଦରେ ପରିଣତ ହେବ ।

## ପ୍ରଭୁ ହଜି ଯାଇଥିବା ଲୋକମାନଙ୍କୁ ଅନ୍ୱେଷଣ କରନ୍ତି ।

ପ୍ରଭୁ ଯୀଶୁ ଖ୍ରୀଷ୍ଟ ତୃତୀୟ ଦିବସରେ ମୃତମାନଙ୍କ ମଧ୍ୟରୁ ଉଠିଥିଲେ । ମାତ୍ର ତାଙ୍କର ଶିଷ୍ୟମାନେ ସେମାନଙ୍କ ପୁରୁଣା ମାଛ ଧରା ବୃତ୍ତିକୁ ଫେରି ଯାଇଥିଲେ । ଏହା କିଛି ଦ୍ୱନ୍ଦ୍ୱମୂଳକ ବିଷୟ ଅଟେ । ତଥାପି ପ୍ରଭୁ ନିଜର



ପ୍ରେମ ପ୍ରଦର୍ଶନ କରିଛନ୍ତି । ତାଙ୍କ ଶିଷ୍ୟମାନେ ତିବିରିଆ ସମୁଦ୍ରରେ ମାଛ ଧରିବାକୁ ଫେରି ଯାଇଥିଲେ । ପ୍ରଭୁ ସେମାନଙ୍କ ନିକଟକୁ ଆସି କହିଥିଲେ, "ପିଲାମାନେ, ତୁମ୍ଭମାନଙ୍କ ନିକଟରେ କିଛି ଖାଦ୍ୟ ଅଛି କି ?" ଯଦିଓ ଶିଷ୍ୟମାନେ ଯଥାସାଧ୍ୟ ଚେଷ୍ଟା କରିଥିଲେ, ତଥାପି ସେମାନେ କିଛି ମାଛ ଧରି ପାରି ନ ଥିଲେ । ମୁଁ ଏପରି ଲୋକମାନଙ୍କୁ ଦେଖିଛି ଯେଉଁମାନେ ସେବାକାର୍ଯ୍ୟକୁ ଗ୍ରହଣ କରନ୍ତି ଓ କିଛି କାରଣ ଦେଖାଇ ଏହାକୁ ପରିତ୍ୟାଗ କରି କୌଣସି ଜାଗତିକ ବୃତ୍ତି ଅବଲମ୍ବନ କରନ୍ତି । ମାତ୍ର ସେମାନଙ୍କର ପରିଣତି ଧ୍ୱଂସାତ୍ମକ ହେବ । କେହି ଏହି ପ୍ରକାର ଭୁଲ୍‌ରେ ଆସକ୍ତ ରହିବା ଅନୁଚିତ ।

ପ୍ରଭୁ ସେମାନଙ୍କୁ ପ୍ରଚୁର ମାଛ ଧରିବା ପାଇଁ ଗୋଟିଏ ଉପାୟ ଜଣାଇଥିଲେ ଓ ସେମାନେ ତାହା କରିଥିଲେ । ସେ ଉଚ୍ଚୀକୃତ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟ ଅଟନ୍ତି । ଏକ ପ୍ରଭାବଶାଳୀ ଉନ୍ନତ ଆହ୍ୱାନ ଦ୍ୱାରା, ସେ ଆପଣଙ୍କୁ ମନୋନୀତ କରିଥିଲେ, ଆପଣଙ୍କୁ ଦାନ ଓ ପ୍ରତିଭା ପ୍ରଦାନ କରିଥିଲେ ଓ ଆପଣଙ୍କୁ ଉନ୍ନତ କରିଥିଲେ । ଆପଣଙ୍କ

(ଅବଶିଷ୍ଟାଂଶ ୮ମ ପୃଷ୍ଠାରେ)


# ନିହିମିଆ ବାଇବଲ
## ସାଂଧ୍ୟ କଲେଜ

ଚେପକ୍ ଓ ସନ୍ତୋଷପୁରମ୍, ଚେନ୍ନାଇ

ମାଧ୍ୟମ ~ ତାମିଲ

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA

ବିଗତ ୫୩ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

**ଥିଓଲୋଜିରେ ସାର୍ଟିଫିକେଟ : ଏକ ବର୍ଷ**

**ଥିଓଲୋଜିରେ ଡିପ୍ଲୋମା : ଦୁଇ ବର୍ଷ**

ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ

ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !

ଯୋଗାଯୋଗ : The Chairman, Nehemiah Bible College.

10, MOHAMMED ABDULLAH 2ND STREET, BELLS ROAD, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର - ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ଦୁଇଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ - ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ - ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା - ରବିବାର ସକାଳ ୫.୦୦, ୭.୦୦ ଓ ସକାଳ ୧୦.୦୦ ।
୧୪. ମାଲାୟାଲାମ୍ ଉପାସନା - ରବିବାର ଅପରାହ୍ନ ୨.୦୦ ଘଟିକା ।
୧୫. ତେଲୁଗୁ ପ୍ରାର୍ଥନା ସଭା - ରବିବାର ସନ୍ଧ୍ୟା ଘ. ୪.୦୦ ।
୧୬. ହିନ୍ଦୀ ଉପାସନା - ରବିବାର ସନ୍ଧ୍ୟା ଘ. ୫.୦୦ ।
୧୭. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୮. ପାଳକମାନଙ୍କର ପରାମର୍ଶ - ରବିବାର ଅପରାହ୍ନ ଘ. ୪.୦୦ ଘଟିକା ।
୧୯. ମହିଳାମାନଙ୍କର ପ୍ରାର୍ଥନା ସଭା - ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୦. ମଧ୍ୟ-ସପ୍ତାହ ବାଇବଲ ଅଧ୍ୟୟନ - ବୁଧବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ପୁରୁଷମାନଙ୍କର ପ୍ରାର୍ଥନା ସଭା - ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୨୨. କର୍ମଚାରୀମାନଙ୍କର ସଭା - ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୩. ଗୃହ ସଭା - ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୪. ବିଶେଷ ପ୍ରଭୁଭୋଜ - ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୫. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର - ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୬. ପିତାମାତାଙ୍କର ପ୍ରାର୍ଥନାସଭା - ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୭. ରାତ୍ରି ପ୍ରାର୍ଥନା - ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୮. ଉପବାସ ପ୍ରାର୍ଥନା - ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୯. ପବିତ୍ର ପ୍ରଭୁଭୋଜ - ଦ୍ୱିତୀୟ ରବିବାର ଉପାସନା ।
୩୦. ପ୍ରାତଃ ଉପାସନା - ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୩୧. କର୍ମଚାରୀମାନଙ୍କର ଉପାସନା - ପ୍ରତିଦିନ ସକାଳ ଘ. ୯.୦୦ ।
୩୨. କାର୍ଯ୍ୟାଳୟ - ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ - ୭୬ ପୃଷ୍ଠା ଓ ତାମିଲ୍‌ରେ - ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ - "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ - ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, **Post Box 2957**
CHEPAUK, CHENNAI - 600 005.
**Ph.: (044) 2852 8282, 2852 9293, 2854 7766,**
**Cell : 98410 71852, 95661 31858**
**E.mail : biblecor@yahoo.co.in**

## A good opportunity to get Echo of His Call monthly magazine at free of cost

If you could send the addresses of your friends / relatives through post, letter, e.mail, WhatsApp or phone to us, we will dispatch **Echo of His Call** monthly magazine to them at free of cost.

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ - **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

# ସ୍ୱର୍ଗୀୟ ଦର୍ଶନ

ଈଶ୍ୱରଙ୍କ ଅନୁଗ୍ରହରୁ, ୧୯୭୧ରେ, ସଦାପ୍ରଭୁ ଚେପକ୍, ଚେନ୍ନାଇରେ ବାସ କରୁଥିବା ଅଣ-ଖ୍ରୀଷ୍ଟିଆନମାନଙ୍କ ବିଷୟରେ ମୋତେ ଗୋଟିଏ ବୋଝ ପ୍ରଦାନ କରିଥିଲେ । ଏହି ଅଞ୍ଚଳରେ ବାସ କରୁଥିବା ଲୋକମାନେ ଉତ୍ତମ ଥିଲେ ଓ ଈଶ୍ୱରଙ୍କୁ ଗଭୀର ଭାବେ ବିଶ୍ୱାସ କରୁଥିଲେ । ସେମାନେ କଠିନ ପରିଶ୍ରମୀ ଥିଲେ ଓ ଦିନ ରାତି ପରିଶ୍ରମ କରୁଥିଲେ । ଚେପକ୍‌ରେ ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଛି, ଯଥା ଅନେକ ସିନେମା ଥିଏଟର, କ୍ରିକେଟ ଷ୍ଟାଡିୟମ, ପୋଲିସ ଷ୍ଟେସନ ଇତ୍ୟାଦି ଥିଲା । ପୃଥିବୀର ଦ୍ୱିତୀୟ ଦୀର୍ଘତମ ସମୁଦ୍ରକୂଳ "ମାରିନା", ରୟାଲ୍ ରୋଡ୍ ନାମକ 'କାମାରାଜର ରୋଡ୍', ବ୍ୟସ୍ତ ବହୁଳ, ଅତି ଦୀର୍ଘ ଓ ଅତି ପ୍ରସିଦ୍ଧ ମାଉଣ୍ଟ ରୋଡ୍ (ଯାହାକୁ ବର୍ତ୍ତମାନ ଆନ୍ନା ସାଲାଇ କୁହାଯାଉଛି), ବତୀଘର, ସଚିବାଳୟ, ଏଗ୍‌ମୋର ଷ୍ଟେସନ ଓ ସେଣ୍ଟ୍ରାଲ୍ ଷ୍ଟେସନ ଭଳି ଅତି ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ, ଅନେକ ସରକାରୀ କାର୍ଯ୍ୟାଳୟ, କୂଭମ୍ ନଦୀ, ଅତି ପରିଚିତ ସାନ୍ଥୋମ୍ ଗୀର୍ଜ୍ଜା, ପ୍ରେସିଡେନ୍‌ସୀ କଲେଜ, ଆନ୍ନା ମେମୋରିଆଲ୍ ବିଲ୍‌ଡିଙ୍ଗ, ଇତ୍ୟାଦି । ଏହା ପୁରାତନ ଚେନ୍ନାଇ (ମାଡ୍ରାସ)ର ଏକ ମୁଖ୍ୟ ଅଞ୍ଚଳ ଅଟେ । ମୁଁ ଏହି ଅଞ୍ଚଳର ଅତି ଦରିଦ୍ର, ଅତି ଧନୀ ଓ ଶିକ୍ଷିତମାନଙ୍କ ଆତ୍ମିକ ଜୀବନ ବିଷୟରେ ଅତ୍ୟଧିକ ଭାରଗ୍ରସ୍ତ ଥିଲି ।

ସେଥିପାଇଁ, ମୁଁ ଦୁଇ ଜଣ ଈଶ୍ୱରଙ୍କ ଦାସ ସହିତ ମିଶି ପ୍ରତ୍ୟେକ ରାତ୍ରି ୮ ଟାରୁ ୧୦ ପର୍ଯ୍ୟନ୍ତ ପ୍ରାର୍ଥନା କରିବା ଆରମ୍ଭ କରିଥିଲି । ସେମାନଙ୍କ ମଧ୍ୟରୁ ଭାଇ.ଆଇ.ଚନ୍ଦ୍ର ସିଂ ବର୍ତ୍ତମାନ ପଣ୍ଡିଚେରୀରେ ଜଣେ ଶିଳ୍ପପତି ଅଟନ୍ତି । ଅନ୍ୟ ଜଣଙ୍କ, ଭାଇ.ଆଇ.ମୋଜେସ୍ ପ୍ୟାକିଆ ମନି ବର୍ତ୍ତମାନ ଚେନ୍ନାଇରେ ଜଣେ ପ୍ରସିଦ୍ଧ ବ୍ୟବସାୟୀ ଅଟନ୍ତି । ଆମେ ମହାତ୍ମା ଗାନ୍ଧୀଙ୍କର ପ୍ରତିମୂର୍ତ୍ତି ପଛରେ ଆଣ୍ଠୁଭାଙ୍ଗି ପ୍ରାର୍ଥନା କରୁଥିଲୁ । ଚଳଚ୍ଚିତ୍ର ଲୋକମାନଙ୍କୁ ଜଗତ ମଧ୍ୟରେ ନିମଜ୍ଜିତ ହେବା ପାଇଁ ପରିଚାଳିତ କରୁଅଛି ବୋଲି ଉପଲବ୍ଧି କରି, ଈଶ୍ୱର ଯେପରି ସମସ୍ତ ନାଟ୍ୟ ଓ ଚଳଚ୍ଚିତ୍ର ପ୍ରେକ୍ଷାଳୟକୁ ବନ୍ଦ କରିଦେବେ, ଏଥିପାଇଁ ଆମେ ପ୍ରାର୍ଥନା କରୁଥିଲୁ ।

କେତେ ଆଶ୍ଚର୍ଯ୍ୟର ବିଷୟ ! ସଚ୍ଚୋଟ ଭାବରେ ମୁଁ ଘୋଷଣା କରୁଛି ଯେ ସଦାପ୍ରଭୁ ପରମେଶ୍ୱର ମୋ' ପ୍ରାର୍ଥନାର ଉତ୍ତର ଦେଇଥିଲେ । ପାରାଗନ୍ ଥିଏଟର, ଷ୍ଟାର ଥିଏଟର, ଏଲ୍‌ବିନଷ୍ଟନ୍ ଥିଏଟର, ଦେବୀ ଥିଏଟର, ଶାନ୍ତି ଥିଏଟର, ଆନ୍ନା ଥିଏଟର, ଚିତ୍ରା ଥିଏଟର ଭଳି ଅନେକ ପ୍ରେକ୍ଷାଳୟ ବନ୍ଦ ହୋଇ ଯାଇଥିଲା । ସେଥିପାଇଁ, ଆମେ ଏପରି ଅନେକ ଲୋକଙ୍କ ନିକଟରେ ସୁସମାଚାର ଘୋଷଣା କରି ପାରିଥିଲୁ ଯେଉଁମାନେ ଚଳଚ୍ଚିତ୍ର ଦେଖିବା ପାଇଁ ପାଗଳ ଥିଲେ ଓ ଯେଉଁମାନେ ଲାଳସାପୂର୍ଣ୍ଣ ଜୀବନ କାଟୁଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଲୋକ ଯୀଶୁଙ୍କୁ ଗ୍ରହଣ କରି ପବିତ୍ର ଜୀବନ କାଟିବା ଆରମ୍ଭ କରିଥିଲେ । ମାତ୍ର ସେହି ଅଞ୍ଚଳରେ କୌଣସି ମଣ୍ଡଳୀ ନ ଥିଲା । ନୂତନ ବିଶ୍ୱାସୀମାନଙ୍କୁ କୌଣସି ମଣ୍ଡଳୀ ନିକଟକୁ ପ୍ରେରଣ କରାଯାଇ ପାରୁ ନ ଥିଲା । ଏହି ଅଞ୍ଚଳରେ ଗୋଟିଏ ମଣ୍ଡଳୀ ସ୍ଥାପନ କରିବା ଅସମ୍ଭବ ବୋଲି ଆମେ ଭାବିଥିଲୁ । ୧୯୮୦ରେ, ଈଶ୍ୱର ଆମକୁ ଚେପକ୍‌ଠାରେ ଚର୍ଚ୍ଚ ଅଫ୍ ଗଡ୍‌ର ଗୋଟିଏ ଶାଖା ମଣ୍ଡଳୀ ଆରମ୍ଭ କରିବା ପାଇଁ ସମର୍ଥ କରିଥିଲେ । ମାତ୍ର ରବିବାର ଜୀବିତ ଈଶ୍ୱରଙ୍କର ଉପାସନା କରିବା ପାଇଁ ମଣ୍ଡଳୀକୁ ଆସିବାକୁ କେହି ସାହସ କରୁ ନ ଥିଲେ । କେବଳ ମୋର ସ୍ତ୍ରୀ ଓ ମୋର ଶିଶୁ କନ୍ୟା ସେହି ସମୟରେ ପ୍ରାୟ ୫ ବର୍ଷ ଧରି ମୋ' ସହିତ ଉପାସନା କରିଥିଲେ । ମୁଁ ଆକର୍ଡିଆନ ନାମକ ଏକ ବାଦ୍ୟ ଯନ୍ତ୍ର ବାଦନ କରି ପ୍ରଚାର କରୁଥିଲି । ସେଥିପାଇଁ ମୁଁ ଅନେକ ବିରୋଧର ସମ୍ମୁଖୀନ ହୋଇଥିଲି ।

ଦିନେ ସକାଳ ୮ଟାରେ, ମୁଁ ଗୀର୍ଜ୍ଜା ଗୃହର ପରିସର ପରିଷ୍କାର କରୁଥିଲି କାରଣ ଏହା ଉପାସନା ଆରମ୍ଭ କରିବାର ସମୟ ଥିଲା । ଯଦିଓ ଉପାସନା ଆରମ୍ଭ କରିବା ପାଇଁ ମୁଁ ଗୃହଟିକୁ ସଫା କରୁଥିଲି, ତଥାପି କେହି ଉପାସନାରେ ଯୋଗ ଦେବାକୁ ଆସିବେ ନାହିଁ ବୋଲି ଭାବି ମୁଁ ନିରୁତ୍ସାହିତ ଥିଲି । ସେଥିପାଇଁ ମୁଁ ମୋର ଶୟନକକ୍ଷକୁ ଯାଇ ବିଶ୍ରାମ ନେବା ପାଇଁ ଇଚ୍ଛା କରିଥିଲି । ସେଠାରେ ମୁଁ ଚକ୍ଷୁ ବନ୍ଦ କରି ରହିଥିଲି, ମାତ୍ର ଶୋଇ ପାରୁ ନ ଥିଲି । ମୁଁ ଏକ ପ୍ରକାର ମୂର୍ଚ୍ଛିତ ଅବସ୍ଥା ମଧ୍ୟକୁ ଚାଲି ଯାଇଥିଲି ଓ ଗୋଟିଏ ସ୍ୱପ୍ନ ଦେଖିଥିଲି ।

ମୁଁ ସ୍ୱପ୍ନରେ ମୋର ଗୃହକୁ ସଂପୂର୍ଣ୍ଣ ଭାବରେ ଉଜ୍ଜ୍ୱଳ ଆଲୋକରେ ସୁସଜ୍ଜିତ ହୋଇଥିବାର ଦେଖିଲି । ମୁଁ ସେଠାରେ ଏକ ମଧୁର ସୁଗନ୍ଧିକୁ ଆଘ୍ରାଣ କରି ପାରିଥିଲି । ହଠାତ୍, ଗୋଟିଏ ୫୦ ବର୍ଷର ବୃଦ୍ଧ ବ୍ୟକ୍ତି ସେହି ପରିସର ମଧ୍ୟରେ ପ୍ରବେଶ କଲେ ଯେଉଁଠାରେ ମୁଁ ଉପାସନା ସଭା ପରିଚାଳନା କରିବାକୁ ପ୍ରସ୍ତୁତ ହେଉଥିଲି । ମୁଁ ସମସ୍ତ ଲାଇଟ୍ ଓ ଫ୍ୟାନ୍‌ର ସୁଇଚ ବନ୍ଦ କରି ଦେଇଥିଲି ଓ ଆଣ୍ଠୁଭାଙ୍ଗି ନୀରବରେ ପ୍ରାର୍ଥନା କରିବା ଆରମ୍ଭ କରିଥିଲି । ଏହାପରେ ମୁଁ ସେହି ସ୍ଥାନଟି ଲୋକମାନଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଥିବାର ଦେଖିଥିଲି ।



*Rev. Dr. Bevin Lawrence & Mrs. Serena Bevin*

ମୁଁ ଅତିଶୀଘ୍ର ଜାଗ୍ରତ ହୋଇ, ମୋର ସ୍ତ୍ରୀ ଓ କନ୍ୟାଙ୍କୁ ଡାକିଲି ଓ ଯେତେବେଳେ ଆମେ ଆମ ମଣ୍ଡଳୀରେ ପ୍ରାର୍ଥନା କରିବା ଆରମ୍ଭ କରିଥିଲୁ, ସେତେବେଳେ ମୁଁ ଏହା ଉପଲବ୍ଧି କରିଥିଲି ଯେ ପ୍ରାର୍ଥନା କରିବା ସମୟରେ ଯେଉଁ ବ୍ୟକ୍ତି ସେଠାରେ ଥିଲେ, ସେ ଅଦୃଶ୍ୟ ହୋଇ ଯାଇଥିଲେ । ମୋର ସ୍ତ୍ରୀ ଓ ମୁଁ ଆମର ପାପ ସ୍ୱୀକାର କରି ଉପାସନା ଆରମ୍ଭ କରିଥିଲୁ ।

କିଛି ସମୟ ଭିତରେ, ଜଣେ ଭାଇ ନିଜର ସ୍ତ୍ରୀ ଓ ପୁତ୍ରଙ୍କ ସହିତ ଆସି ଆମ ସହିତ ଆଣ୍ଠୁଭାଙ୍ଗି ମିଶି ପ୍ରାର୍ଥନା କରିଥିଲେ । ସେମାନେ ସମସ୍ତେ ଧଳା ପୋଷାକରେ ଥିଲେ । ଏହି ଭାଇଙ୍କ ନାମ ରେଭ. ଡ. ବ୍ରେଭିନ୍ ଲରେନ୍ସ ଅଟେ ଓ ବର୍ତ୍ତମାନ ସେ ଅନେକ ସେବା କାର୍ଯ୍ୟରେ ଜଡ଼ିତ ଅଛନ୍ତି ଓ ତାଙ୍କର ମୁଖ୍ୟାଳୟ କୋଡ଼ାଇକାନାଲ୍‌ରେ ଅବସ୍ଥିତ ଅଟେ । ସେ ଜଣେ ଡାକ୍ତର ଓ ଜଣେ ବିଶପ୍ ମଧ୍ୟ ଅଟନ୍ତି । ତାଙ୍କର ସ୍ତ୍ରୀ, ଶ୍ରୀମତୀ ସେରେନା ବ୍ରେଭିନ୍ ବର୍ତ୍ତମାନ ଆହ୍ୱାନର ପ୍ରତିଧ୍ୱନି ପତ୍ରିକାର ବରିଷ୍ଠ ସହଯୋଗୀ ସଂପାଦିକା ଅଛନ୍ତି । ସେମାନେ ଏକତ୍ର ଅନେକ ସେବାକାର୍ଯ୍ୟ ସଂପନ୍ନ କରୁଛନ୍ତି ।

ମୁଁ ସେହି ଦିନଠାରୁ, ଲୋକମାନେ ଆସନ୍ତୁ କିମ୍ବା ନ ଆସନ୍ତୁ, ଠିକ୍ ସମୟରେ ମୋର ସମସ୍ତ ମାଣ୍ଡଳିକ ଉପାସନା ଆରମ୍ଭ କରେ । ମୁଁ ମୋର ସମସ୍ତ ସହକର୍ମୀ ଓ କଲେଜ ଛାତ୍ରମାନଙ୍କୁ ଏହା ଉପରେ ଶିକ୍ଷା ଦିଏ, ଈଶ୍ୱର ଉତ୍ତମ ଅଟନ୍ତି ।

★★★

(୭ମ ପୃଷ୍ଠାର ଅବଶିଷ୍ଟାଂଶ)

ପ୍ରାର୍ଥନା ଦ୍ୱାରା କେତୋଟି ଭୂତାତ୍ମା ବିତାଡ଼ିତ ହୋଇଛନ୍ତି ? କେତେଜଣ ଦୁରାରୋଗ୍ୟ ଅସୁସ୍ଥତାରୁ ସୁସ୍ଥ ହୋଇଛନ୍ତି ? କେତେକ ସମସ୍ୟା ଯୋଗୁ କିମ୍ବା କେତେକ ଜାଗତିକ ଆମୋଦ ପ୍ରମୋଦ ଯୋଗୁ, ଆପଣ ଈଶ୍ୱରଙ୍କ ପ୍ରେମରୁ ଦୂରେଇ ଯାଇଛନ୍ତି କି ?

## କିଛି କ୍ଷଣ ପାଇଁ ଆପଣଙ୍କ ଜୀବନ ବିଷୟରେ ଚିନ୍ତା କରନ୍ତୁ



ଈଶ୍ୱର କିପରି ଆପଣଙ୍କ ସନ୍ତାନମାନଙ୍କୁ ଓ ଅନ୍ୟମାନଙ୍କୁ ଆଘାତ କରିଥିବା ସମସ୍ୟାରୁ ଉଦ୍ଧାର କରିଛନ୍ତି ? ଯେତେବେଳେ ଆପଣ ଅସୁସ୍ଥତା, ବିଫଳତା ଓ କଷ୍ଟ ଦ୍ୱାରା ଆକ୍ରାନ୍ତ ହୋଇଥିଲେ, ସେତେବେଳେ ଈଶ୍ୱର କିପରି ତାଙ୍କର ଆଶ୍ଚର୍ଯ୍ୟକର୍ମ ଦ୍ୱାରା ଉଦ୍ଧାର କରିଥିଲେ, ତାହା ଚିନ୍ତା କରନ୍ତୁ । ଏହା କ'ଣ ଏହି ବିଷୟକୁ ସୂଚିତ କରେ ନାହିଁ ଯେ ପ୍ରଭୁ ଆପଣଙ୍କ ସହିତ ଅଛନ୍ତି ଓ ଆପଣଙ୍କ ପ୍ରତି ଦୟାଳୁ ଅଟନ୍ତି ? ଦୟାକରି ତାଙ୍କୁ ପରିତ୍ୟାଗ କରନ୍ତୁ ନାହିଁ ଓ ତାଙ୍କୁ ଆପଣଙ୍କ ଜୀବନରେ ପ୍ରଥମ ସ୍ଥାନ ଦିଅନ୍ତୁ । ଆପଣଙ୍କ ଦୁଃଖ ଆନନ୍ଦରେ ପରିଣତ ହେବ ।

ଆମେ ପ୍ରତିଦିନ ଆମ ଜୀବନରେ ଅନେକ ଝଡ଼ର ସମ୍ମୁଖୀନ ହେଉ । ସେହି ଝଡ଼ ଅନେକ ଦିଗରୁ ଓ ଭିନ୍ନ ଭିନ୍ନ ବେଗରେ ବିଭିନ୍ନ ଲୋକଙ୍କଠାରୁ ଆସେ । ଆମେ ଝଡ଼, ପବନ, ଘୂର୍ଣ୍ଣିବାୟୁ ଓ ବାତ୍ୟାଗୁଡ଼ିକର ସମ୍ମୁଖୀନ ହେଉ । ଆସନ୍ତୁ, ଆମେ ଝଡ଼ର ପ୍ରକାରଗୁଡ଼ିକୁ ଦେଖିବା । ଯେତେବେଳେ ସେଗୁଡ଼ିକ ଆମକୁ ଆଘାତ କରେ, ସେତେବେଳେ ସେଗୁଡ଼ିକ ଆମ ଜୀବନରେ କେଉଁ ପ୍ରକାର କ୍ଷତ ସୃଷ୍ଟି କରନ୍ତି ଓ ଆମେ କିପରି ଈଶ୍ୱରଙ୍କ ଶକ୍ତି ସାହାଯ୍ୟରେ ସେଗୁଡ଼ିକୁ ଜୟ କରିପାରିବା ?

ଆମକୁ ପରିସ୍ଥିତି ଅଧିକ ମନ୍ଦ ହେବା ପୂର୍ବରୁ ପଦକ୍ଷେପ ନେବାକୁ ହେବ । ଆମକୁ ଆକ୍ରମଣ ଓ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବା ମଧ୍ୟରେ କିଛି ସମୟ ରଖିବାକୁ ହେବ । ଈଶ୍ୱର ସମସ୍ତ ବିଷୟକୁ ଆମ ନିୟନ୍ତ୍ରଣ ଅଧୀନକୁ ଆଣିବା ପାଇଁ ନିଜ ଅନୁଗ୍ରହ ପ୍ରଦାନ କରିବାରେ ଯଥେଷ୍ଟ ଦୟାଳୁ ଅଟନ୍ତି । ଆମେ ଯେପରି ଜ୍ଞାନ ଓ ଉଦ୍‌ଯୋଗର ସହିତ ସମସ୍ତ ବିଷୟକୁ ନିୟନ୍ତ୍ରଣ କରିବୁ, ଏହା ଈଶ୍ୱର ଇଚ୍ଛା କରନ୍ତି । ଏଠାରେ ମୁଁ ଆମ ମନରେ ଆସୁଥିବା ବିଷୟକୁ ଓ ଲୋକମାନଙ୍କ ଦ୍ୱାରା ଆଗତ ସମସ୍ୟାକୁ ଝଡ଼ ବୋଲି କହିଛି । ଯଦି ଆମେ ଝଡ ଉଠିବା ସମୟରେ ସୁରକ୍ଷାତ୍ମକ ପଦକ୍ଷେପ ନେବା ନାହିଁ, ତେବେ ଆମେ ବୁଡ଼ିଯିବା, ସେଥିପାଇଁ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ ଯୋହନ ୯:୪ରେ ରାତ୍ରିର ଆଗମନ ବିଷୟରେ କହିଛନ୍ତି । ଏହା ଆସିବା ପୂର୍ବରୁ ତାଙ୍କ କାର୍ଯ୍ୟ ସଂପୂର୍ଣ୍ଣ ହେଉ ବୋଲି ସେ ଇଚ୍ଛା କରିଥିଲେ, ସେ ତାହା କରିଥିଲେ । ଶୟତାନ ଆମକୁ ପଥଭ୍ରଷ୍ଟ କରିବା ଅପେକ୍ଷାରେ ବସିଅଛି (୧ ପିତର ୫:୮) । ଈଶ୍ୱର ଆପଣଙ୍କ ଜୀବନ ଉପରେ ସଂପୂର୍ଣ୍ଣ ନିୟନ୍ତ୍ରଣ ରଖିଛନ୍ତି ବୋଲି ମନରେ ଧାରଣ କରି ଆପଣଙ୍କ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହୁଅନ୍ତୁ । କ୍ରୋଧାନ୍ୱିତ କିମ୍ବା ଦୁଃଖିତ ହୁଅନ୍ତୁ ନାହିଁ । ସମସ୍ତ ପରିସ୍ଥିତିରେ ଈଶ୍ୱରଙ୍କ ପ୍ରଶଂସା କରିବାକୁ ଚେଷ୍ଟା କରନ୍ତୁ । ଈଶ୍ୱରଙ୍କର ପ୍ରତିଜ୍ଞାଗୁଡ଼ିକୁ ଦୋହରାନ୍ତୁ । କହନ୍ତୁ – ଈଶ୍ୱର ମୋ' ସହିତ ଓ ମୋ' ପାଇଁ ଅଛନ୍ତି । ମୁଁ ସମସ୍ତ ପରିସ୍ଥିତିକୁ ଜୟ କରିଛି । ସ୍ୱର୍ଗସ୍ଥ ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

************

## ବିଶେଷ ଘୋଷଣା

### ଆମେ ଅବୈତନିକ ପ୍ରତିନିଧିମାନଙ୍କୁ ଆବଶ୍ୟକ କରୁଅଛୁ

ଏଇ ନିକଟରେ, ଆମେ ଏହା ଆବିଷ୍କାର କରିଛୁ ଯେ ସିଂହଳ, ନେପାଳୀ, ଉର୍ଦ୍ଦୁ ଓ ଆଫ୍ରିକାନସ ଭାଷାରେ ପ୍ରକାଶିତ "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକାର ପାଠକ ସଂଖ୍ୟା ହ୍ରାସ ପାଇଅଛି । ଏହା ହୁଏତ ଆମର ପୁରାତନ ବନ୍ଧୁମାନଙ୍କର ମୃତ୍ୟୁ କିମ୍ବା ସେମାନଙ୍କ ପରିବାରର ସ୍ଥାନାନ୍ତର ଯୋଗୁ ଘଟିଅଛି । ପାଠକମାନଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ଆମେ କିଛି ଉପାୟ ଓ ମାଧ୍ୟମ ବିଷୟରେ ଚିନ୍ତା କରୁଅଛୁ ।

ଏକ ପଦକ୍ଷେପ ନେବା ପାଇଁ, ଆମେ ଆମର ନେପାଳୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନ୍ସ ପାଠକମାନଙ୍କ ମଧ୍ୟରୁ କେତେଜଣ ଅବୈତନିକ ପ୍ରତିନିଧିମାନଙ୍କୁ ଆବଶ୍ୟକ କରୁଅଛୁ ।

୧. ସେମାନେ ସେମାନଙ୍କ ଭାଷାରେ ପତ୍ରିକା ପାଇଁ ଅଧିକରୁ ଅଧିକ ପାଠକମାନଙ୍କୁ ଅନ୍ତର୍ଭୁକ୍ତ କରନ୍ତୁ ।
୨. ଅଧିକ ପତ୍ରିକା ଛାପି, ସେମାନଙ୍କ ଦେଶ କିମ୍ବା ଅଞ୍ଚଳର ପାଠକମାନଙ୍କ ନିକଟକୁ ପ୍ରେରଣ କରିବା ପାଇଁ ଆଗେଇ ଆସନ୍ତୁ ଏବଂ
୩. ନୂତନ ଠିକଣା ଯୋଗାଇବା ପାଇଁ ଓ ପତ୍ରିକାର ଫୋଟୋ କପି ନେଇ ପରିବାର ଓ ବନ୍ଧୁମାନଙ୍କୁ ପ୍ରେରଣ କରିବା ଦ୍ୱାରା ବଣ୍ଟନକୁ ବୃଦ୍ଧି କରିବା ପାଇଁ କେତେ ଜଣ ପ୍ରତିନିଧିଙ୍କୁ ନିଯୁକ୍ତ କରନ୍ତୁ ।

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

## ଆହ୍ୱାନର ପ୍ରତିଧ୍ୱନି

**YouTube**
Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

***1. Bank : State Bank of India***

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **S. Sam Selva Raj** |
| A/C No. | : | **1023 2934 679** |
| IFSC | : | **SBIN 00 00 249** |
| SWIFT CODE | : | **SBI NIN BB 455** |

***2. Bank : ICICI Bank***

| | | |
|---|---|---|
| Branch | : | **Anna Salai, Chennai-6** |
| Name | : | **Echo of His Call** |
| A/C No. | : | **6038 0502 2319** |
| IFSC | : | **ICIC 000 6038** |

***3. Bank : State Bank of India***

**(This Account is for Tax Exemption for Indians only )**

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **Echo of His Call Educational Trust** |
| A/C No. | : | **1023 2923 805** |
| IFSC | : | **SBIN 00 00 249** |

**Google Pay: 98410 71858**
**PayPal : SAM SELVA RAJ**
*****
**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

**୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।**

**ବାର୍ଷିକ ଦେୟ – ଟ. ୧୦୦/–** **ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/21-23**
**Licence No. WPP. No. TN/PMG(CCR)/WPP-265/21-23**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th** MARCH 2023.
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**